କଳାହାଣ୍ଡି ଜିଲ୍ଲା

କଳାହାଣ୍ଡି ଜିଲ୍ଲାର ନାମ ପ୍ରାକ୍ ସ୍ୱାଧୀନତା କାଳରୁ ଜନଗଣନା ରିପୋର୍ଟରେ ଦେଖିବାକୁ ମିଳେ । ତେବେ ବର୍ତ୍ତମାନର କଳାହାଣ୍ଡି ଜିଲ୍ଲା ଅବିଭକ୍ତ କଳାହାଣ୍ଡି ଜିଲ୍ଲାର କିଛି ଅଂଶକୁ ନେଇ ୧୯୯୩ ମସିହାରେ ଗଠିତ । ଏହି ଜିଲ୍ଲାର ଜନସଂଖ୍ୟା ପ୍ରାୟ ୧୩ ଲକ୍ଷ ୩୫ ହଜାର ସେମାନଙ୍କ ମଧ୍ୟରୁ ୧ ଲକ୍ଷରୁ ଊର୍ଦ୍ଧ୍ୱ ୪ଟି ସହରରେ ବାସ କରନ୍ତି । ଏହି ସହରାଞ୍ଚଳବାସୀଙ୍କୁ ଛାଡି ଗ୍ରାମାଞ୍ଚଳର ଜନସଂଖ୍ୟା ୨୦୯୯ଟି ଲୋକ ରହୁଥିବା ଗ୍ରାମରେ ବାସ କରନ୍ତି । ଜିଲ୍ଲାର ମୋଟ ପରିବାର ୩ ଲକ୍ଷ ପରିବାର ମଧରୁ ୨୫୮୦୬ ପରିବାରର ଗୃହମୁଖ୍ୟ ଜଣେ ସ୍ତ୍ରୀ । ଏହି ତଥ୍ୟ ଏବଂ ପରବର୍ତ୍ତୀ ପରିବେଶିତ ତଥ୍ୟ ୨୦୦୧ ଜନଗଣନା ଉପରେ ଆଧାରିତ ।

ଲିଂଗ ଅନୁପାତ ପ୍ରତ୍ୟେକ ଜନଗଣନା ରିପୋର୍ଟର ଅବିଚ୍ଛେଦ୍ୟ ଅଙ୍ଗ । ଭାରତରେ ଏହି ଅନୁପାତ ପ୍ରକାଶ କରାଯାଏ ହଜାରେ ପୁରୁଷ ପିଛା ସ୍ତ୍ରୀଙ୍କ ସଂଖ୍ୟା ହିସାବରେ । ଏହି ହାର ଜାତୀୟ ଏବଂ ରାଜ୍ୟସ୍ତରରେ ଯଥାକ୍ରମେ ୯୩୩ ଏବଂ ୯୭୨ ରହିଥିବାବେଳେ ଏହି ଜିଲ୍ଲା ପାଇଁ ଏହା ୧୦୦୧ । ସେହିଭଳି ଗ୍ରାମାଞ୍ଚଳ ପାଇଁ ଏହି ହାର ଦେଶ, ରାଜ୍ୟ ଏବଂ ଏହି ଜିଲ୍ଲା ପାଇଁ ଯଥାକ୍ରମେ ୯୪୬, ୯୮୭ ଏବଂ ୧୦୦୭ ରହିଥିଲା । ସହରାଞ୍ଚଳ ପାଇଁ ସେହି କ୍ରମରେ ଲିଂଗ ଅନୁପାତ ୯୦୦, ୮୯୫ ଏବଂ ୯୩୦ ରହିଥିଲା । ୯୪ଟି ଗ୍ରାମରେ ସ୍ତ୍ରୀ ସଂଖ୍ୟା ହଜାରେ ପୁରୁଷରେ ୮୦୦ରୁ କମ୍ ହୋଇଥିବାରୁ ଉଦ୍‌ବେଗଜନିତ ସ୍ଥିତିର ସୂଚନା ଦିଏ । ଅନ୍ୟ ଗ୍ରାମମାନଙ୍କରେ ମଧ୍ୟ ୮୦୧ରୁ ୯୦୦ (୧୫୮ଟି ଗ୍ରାମ) ଏବଂ ୯୦୧-୯୫୦ ଅନୁପାତଥିବା (୧୯୪ଟି ଗ୍ରାମ) ସ୍ତ୍ରୀ ଅନୁପାତ ଦୃଷ୍ଟିରୁ ସଂକଟ ରହିଥିବା କୁହାଯାଇପାରେ । ଲିଂଗ ଅନୁପାତ ୧୦୦୦ରୁ କମ୍ ହେଲେ ସେ ଅଞ୍ଚଳରେ ସ୍ତ୍ରୀମାନଙ୍କ ସ୍ଥିତିର ନ୍ୟୂନତାକୁ ସୂଚାଏ । ଏଣୁ ଏଭଳି ନିରୂପିତ ଅଞ୍ଚଳରେ ସ୍ତ୍ରୀମାନଙ୍କୁ ଗଣନା କରିବା ପାଇଁ ସ୍ୱତନ୍ତ୍ର ଦୃଷ୍ଟି ଏବଂ ପଦକ୍ଷେପ ଆବଶ୍ୟକ, ଯଦ୍ୱାରା ଆଗାମୀ ଜନଗଣନାରେ କ୍ରମଶଃ ହଜି ଯାଇଥିବା ନାରୀ ଭଳି ସ୍ଥିତି ହେବ ନାହିଁ ।

ଜନଗଣନାରୁ ମିଳୁଥିବା ଆଉଏକ ପୂର୍ଣ୍ଣ ଲିଂଗ ଅନୁପାତ ହେଲା ୦-୬ ବର୍ଷ ବୟସର ଶିଶୁଙ୍କର । ଏହି ହାର ହଜାରେ ପୁଅରେ ଝିଅ ସଂଖ୍ୟାକୁ ସୂଚାଏ । ଏହା ଦ୍ୱାରା ସମାଜରେ ଝିଅମାନଙ୍କର ସ୍ଥାନ ତାଙ୍କ ପ୍ରତି ସମାଜର ଦୃଷ୍ଟିଭଙ୍ଗୀ ଏବଂ ବ୍ୟବହାରର ଅନୁମାନ କରାଯାଏ । ଲିଂଗ ନିରୂପଣ କରି (ଜନ୍ମ ପୂର୍ବରୁ) ଗର୍ଭପାତ କରିବା ବା ଝିଅପିଲାଙ୍କ ଅଳ୍ପ ବୟସରେ ହତ୍ୟା ଭଳି ଘୃଣ୍ୟ ପ୍ରଥା ଇତ୍ୟାଦି ବିଷୟରେ ସମ୍ୟକ୍ ସୂଚନା ମିଳେ ଲିଂଗ ଅନୁପାତ କମ୍ ଥିବା ଅଞ୍ଚଳ ନିରୂପଣ କରିବା ଦ୍ୱାରା । ଭାରତ ପାଇଁ ଏହି ହାର ୯୨୭ ରହିଥିଲା ବେଳେ ଓଡିଶାରେ ଏହା ୯୫୩ ଏବଂ ଏହି ଜିଲ୍ଲାରେ ୯୮୪ । ଓଡିଶା ତଥା ଏହି ଜିଲ୍ଲା ସ୍ଥିତି ଭାରତ ତୁଳନାରେ ଭଲ ଥିଲେ ମଧ୍ୟ ଉଦ୍‌ବେଗର କାରଣ ରହିଛି । ବିଶେଷକରି ସହରାଞ୍ଚଳରେ ଏହି ହାର ଯଥାକ୍ରମେ ଭାରତ, ଓଡିଶା ଏବଂ ଏହି ଜିଲ୍ଲାପାଇଁ ୯୦୬, ୯୩୩ ଏବଂ ୯୮୦ ଥିବାରୁ କନ୍ୟା ଭ୍ରୁଣ ହତ୍ୟା ସଂପର୍କରେ ଇଂଗିତ କରେ । ଯଦିଓ ସହରାଞ୍ଚଳରେ ଶିକ୍ଷିତଙ୍କ ସଂଖ୍ୟା ଅଧିକ ଗ୍ରାମାଞ୍ଚଳରେ ସବୁସ୍ତରରେ, ଯଥା- ଭାରତ (୯୩୪), ଓଡିଶା (୯୫୫), ଏହି ଜିଲ୍ଲା (୯୮୫) ସହରାଞ୍ଚଳଠାରୁ ବେଶୀ ଏବଂ ଓଡିଶା ଏବଂ ଏହି ଜିଲ୍ଲାରେ ଭାରତ ତୁଳନାରେ ଅଧିକ । ଏହି ସମୟରେ ସଜାଗ ହେଲେ ସ୍ଥିତିରେ ଉନ୍ନତି ହେବାର ସମ୍ଭାବନା ରହିଛି । ଏକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହେଲା ଏହି ଜିଲ୍ଲାରେ ୨୫ଟି ଗ୍ରାମରେ ଝିଅପିଲା ନାହାନ୍ତି । ସେହିଭଳି ୪୪୪ଟି ଗ୍ରାମରେ ଝିଅମାନଙ୍କ ସଂଖ୍ୟା ଅତିକମ୍ (୮୦୦ରୁ କମ୍) ଏବଂ ୩୦୨ଟି ଗ୍ରାମରେ ୮୦୧ରୁ ୯୦୦ ମଧରେ ଏହି ଅଞ୍ଚଳଗୁଡିକରେ ସ୍ତ୍ରୀ ବିଶେଷକରି ଝିଅଙ୍କ ଗଣନା ପାଇଁ ଅଧିକ ସତର୍କତା ଅବଲମ୍ବନ କରିବା ଆବଶ୍ୟକ ।

ଜନଗଣନାରୁ ସ୍ତ୍ରୀ ପୁରୁଷ ବୈଷମ୍ୟର କିଛି ସୂଚନା ମିଳେ ସାକ୍ଷରତା ହାରରୁ । ୨୦୦୧ ଜନଗଣନା ଅନୁସାରେ ଭାରତର ସ୍ତ୍ରୀ ସାକ୍ଷରତା ହାର ଶତକଡା ୫୩.୭ ଥିବାବେଳେ

ଓଡିଶାର ହାର ୫୦.୫ ଏବଂ ଏହି ଜିଲ୍ଲାର ହାର ୨୯.୩ ରହିଥିଲା । ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ପାର୍ଥକ୍ୟ ଦୃଷ୍ଟି ଆକର୍ଷଣକାରୀ । ଗ୍ରାମାଞ୍ଚଳରେ ପ୍ରତ୍ୟେକ କ୍ଷେତ୍ରରେ ଏହା ଶତକଡା ୫୦ରୁ କମ୍ ରହିଥିବାବେଳେ ସହରାଞ୍ଚଳରେ ଏହା ୭୦ରୁ ବେଶୀ । ସ୍ତ୍ରୀ ଏବଂ ପୁରୁଷ ମଧ୍ୟରେ ଏହି ଜିଲ୍ଲାରେ ବ୍ୟବଧାନ ସାମୂହିକ ଭାବରେ ୩୩.୪ ରହିଥିବା ବେଳେ, ଗ୍ରାମାଞ୍ଚଳରେ ଏହା ୩୪.୨ ଏବଂ ସହରାଞ୍ଚଳରେ ୨୧.୨ । ଏହା ଏକ ଉଦ୍‌ବେଗଜନକ ସ୍ଥିତି । ମହିଳାମାନଙ୍କ ଅର୍ଥନୈତିକ କ୍ଷେତ୍ରରେ ଭୂମିକାର ଦୃଢ଼ୀକରଣ କରାଯାଉଛି ନାରୀ ସଶକ୍ତିକରଣ ଯୋଜନା ମାଧ୍ୟମରେ । ଏହି ଦୃଷ୍ଟିର ଅର୍ଥକରୀ କାର୍ଯ୍ୟରେ ମହିଳାମାନଙ୍କ ଭାଗିଦାରୀ ଏକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଯାହା ଜନଗଣନାରୁ ମିଳିଥାଏ । ୨୦୦୧ ଜନଗଣନା ଅନୁସାରେ କାର୍ଯ୍ୟରେ ମହିଳାଙ୍କ ଭାଗିଦାରୀର ହାର ଶତକଡା: ଭାରତ କ୍ଷେତ୍ରରେ ୨୫.୬, ଓଡିଶା ପାଇଁ ୨୪.୭ ଏବଂ ଏହି ଜିଲ୍ଲା ପାଇଁ ୩୫.୫ ଥିଲା । ପ୍ରତ୍ୟେକ କ୍ଷେତ୍ରରେ ଗ୍ରାମାଞ୍ଚଳ ତୁଳନାରେ ସହରାଞ୍ଚଳଗୁଡିକରେ ଏହି ହାର ବହୁତ୍ କମ୍ । ସ୍ତ୍ରୀ ପୁରୁଷ ହାର ମଧ୍ୟରେ ବ୍ୟବଧାନ, ଏହି ଜିଲ୍ଲା ପାଇଁ, ସାମୂହିକ ଭାବରେ ୨୧.୨, ଗ୍ରାମାଞ୍ଚଳରେ ୨୦.୦ ଏବଂ ସହରାଞ୍ଚଳର ପାଇଁ ୩୮.୫ ଥିଲା । ସେଇଭଳି ୩୬ଟି ଗ୍ରାମରେ କୌଣସି ମହିଳା କର୍ମୀ ନଥିବା ଜଣାପଡେ ଏବଂ ୧୫୭ଟି ଗ୍ରାମରେ ସ୍ତ୍ରୀଙ୍କ ଭାଗିଦାରୀ ଶତକଡା ୧୦ଭାଗରୁ କମ୍ । ଏସବୁ ଅଞ୍ଚଳରେ ଉପଯୁକ୍ତ ସଠିକ୍ ତଥ୍ୟ ସଂଗ୍ରହ ପାଇଁ ଅଧିକ ପ୍ରଚେଷ୍ଟା ଆବଶ୍ୟକ ।

ସାଧାରଣ ଭାବରେ କହିବାକୁ ଗଲେ, ଯଦିଓ ଓଡିଶା ତଥା ଏହି ଜିଲ୍ଲାରେ ଲିଂଗ ଅନୁପାତ ବେଶୀ ତେବେ ସାମାଜିକ (ସାକ୍ଷରତା ହାର ଦୃଷ୍ଟିରୁ) ଏବଂ ଅର୍ଥନୈତିକ (ସ୍ତ୍ରୀ କାର୍ଯ୍ୟରେ ଭାଗିଦାରୀକୁ ଆଖିଆଗରେ ରଖି) ସ୍ଥିତି ଅତି ଭଲ ନୁହେଁ । ଜନଗଣନାରେ ସ୍ତ୍ରୀଙ୍କ ସଂପର୍କରେ ସଂପୂର୍ଣ୍ଣ ତଥ୍ୟ ହାସଲ ପାଇଁ ବିଶେଷ ପ୍ରଚେଷ୍ଟା ଆବଶ୍ୟକ । ଏହା ସଂଗକୁ ବିଭିନ୍ନ ନାରୀ ଅଭିମୁଖୀ ଯୋଜନା ଯେ ଉପଯୁକ୍ତ ହିତାଧିକାରୀ ପାଖରେ ପହଞ୍ଚୁଛି ତାର ମୂଲ୍ୟାଙ୍କନ ଏବଂ ପୁଙ୍ଖାନୁପୁଙ୍ଖ ତର୍ଜମା କରି କାର୍ଯ୍ୟାନ୍ୱୟନରେ ପରିବର୍ତ୍ତନ ଦିଗରେ ଜନଗଣନାରେ ସଂଗୃହୀତ ତଥ୍ୟକୁ ଅଧିକରୁ ଅଧିକ ବ୍ୟବହାର କରାଯାଇପାରିବ ।

ପୁରୁଷ-ସ୍ତ୍ରୀ ଭିତ୍ତିକ ପରିସଂଖ୍ୟାନ

(ଉତ୍ସ: ୨୦୦୧ ଜନଗଣନା)

ରାଜ୍ୟ : ଓଡିଶା (୨୧) — ଆଇ. ଡି: ୨୧-୨୬

ଜିଲ୍ଲା : କଳାହାଣ୍ଡି (୨୬)

ଜନସାଂଖ୍ୟିକ ଚିତ୍ର

ରାଜ୍ୟ		ଜିଲ୍ଲା	
ଜନସଂଖ୍ୟା	୩୬୮୦୪୬୬୦	ଜନସଂଖ୍ୟା	୧୩୩୫୪୯୫
ସହରାଞ୍ଚଳ ଜନସଂଖ୍ୟା	୫୫୧୭୨୩୮	ସହରାଞ୍ଚଳ ଜନସଂଖ୍ୟା	୧୦୦୨୧୯
ସହର ସଂଖ୍ୟା	୧୩୮	ସହର ସଂଖ୍ୟା	୪
ଉପଜିଲ୍ଲାଙ୍କ ସଂଖ୍ୟା	୪୯୪	ଉପଜିଲ୍ଲାଙ୍କ ସଂଖ୍ୟା	୧୮
ଲୋକ ବାସକରୁଥିବା ଗ୍ରାମ ସଂଖ୍ୟା	୪୭୫୨୯	ଲୋକ ବାସକରୁଥିବା ଗ୍ରାମ ସଂଖ୍ୟା	୨୦୯୯
ପରିବାର ସଂଖ୍ୟା	୭୭୩୮୦୬୫	ପରିବାର ସଂଖ୍ୟା	୩୨୦୬୨୪
ସ୍ତ୍ରୀ ମୁଖ୍ୟ ଥିବା ପରିବାର ସଂଖ୍ୟା	୭୭୬୩୨୨	ସ୍ତ୍ରୀ ମୁଖ୍ୟ ଥିବା ପରିବାର ସଂଖ୍ୟା	୨୫୮୦୬

ପୁରୁଷ-ସ୍ତ୍ରୀ ଅନୁପାତ (୧୦୦୦ ପୁରୁଷ ପାଇଁ ସ୍ତ୍ରୀ ସଂଖ୍ୟା)

	ମୋଟ	ଗ୍ରାମାଞ୍ଚଳ	ସହରାଞ୍ଚଳ	ଜିଲ୍ଲାରେ ଥିବା ଗ୍ରାମସଂଖ୍ୟା ଅନୁସାରେ	ସଂଖ୍ୟା
ଜାତୀୟ ହାର	୯୩୩	୯୪୬	୯୦୦	ଅତିନିମ୍ନ (୮୦୦ ପର୍ଯ୍ୟନ୍ତ)	୯୪
ରାଜ୍ୟ ହାର	୯୭୨	୯୮୭	୮୯୫	ନିମ୍ନ (୮୦୧-୯୦୦ ପର୍ଯ୍ୟନ୍ତ)	୧୫୮
ଜିଲ୍ଲା ହାର	୧୦୦୧	୧୦୦୭	୯୩୦	ମଧ୍ୟମ (୯୦୧-୯୫୦ ପର୍ଯ୍ୟନ୍ତ)	୧୯୪
				ଅଧିକ (୯୫୦ ରୁ ଅଧିକ)	୧୬୫୨
				ମିଳିନଥିବା (ସ୍ତ୍ରୀ ସଂଖ୍ୟା)	୦

୦-୬ ବର୍ଷର ପୁଅ ଏବଂ ଝିଅଙ୍କର ଅନୁପାତ (୧୦୦୦ ପୁଅପାଇଁ ଝିଅଙ୍କ ସଂଖ୍ୟା)

	ମୋଟ	ଗ୍ରାମାଞ୍ଚଳ	ସହରାଞ୍ଚଳ	ଜିଲ୍ଲାରେ ଥିବା ଗ୍ରାମସଂଖ୍ୟା ଅନୁସାରେ	ସଂଖ୍ୟା
ଜାତୀୟ ହାର	୯୨୭	୯୩୪	୯୦୬	ଅତିନିମ୍ନ (୮୦୦ ପର୍ଯ୍ୟନ୍ତ)	୪୪୪
ରାଜ୍ୟ ହାର	୯୫୩	୯୫୫	୯୩୩	ନିମ୍ନ (୮୦୧-୯୦୦ ପର୍ଯ୍ୟନ୍ତ)	୩୦୨
ଜିଲ୍ଲା ହାର	୯୮୪	୯୮୫	୯୮୦	ମଧ୍ୟମ (୯୦୧-୯୫୦ ପର୍ଯ୍ୟନ୍ତ)	୧୩୩
				ଅଧିକ (୯୫୦ ରୁ ଅଧିକ)	୧୧୮୪
				ମିଳିନଥିବା (ସ୍ତ୍ରୀ ସଂଖ୍ୟା)	୨୫

ସ୍ତ୍ରୀ ସାକ୍ଷରତା ହାର (ଶତକଡା)

	ମୋଟ	ଗ୍ରାମାଞ୍ଚଳ	ସହରାଞ୍ଚଳ	ଜିଲ୍ଲାରେ ଥିବା ଗ୍ରାମସଂଖ୍ୟା ଅନୁସାରେ	ସଂଖ୍ୟା
ଜାତୀୟ ହାର	୫୩.୭	୪୬.୧	୭୨.୯	ସାକ୍ଷର ମହିଳା ନଥିବା ଗ୍ରାମ	୩୪୨
ରାଜ୍ୟ ହାର	୫୦.୫	୪୬.୭	୭୨.୯	ଅତି ନିମ୍ନ (ଶତକଡା ୩୦ ପର୍ଯ୍ୟନ୍ତ)	୧୨୦୪
ଜିଲ୍ଲା ହାର	୨୯.୩	୨୬.୫	୬୩.୪	ନିମ୍ନ (ଶତକଡା ୩୧-୪୦ ପର୍ଯ୍ୟନ୍ତ)	୩୧୫
ଜିଲ୍ଲାରେ ସ୍ତ୍ରୀ ପୁରୁଷ ବ୍ୟବଧାନ (ପୁରୁଷ-ସ୍ତ୍ରୀ ହାର)	୩୩.୪	୩୪.୨	୨୧.୨	ମଧ୍ୟମ (ଶତକଡା ୪୧-୫୦)	୧୬୫
				ଅଧିକ (ଶତକଡା ୫୦ରୁ ଅଧିକ)	୭୩

ସ୍ତ୍ରୀ କର୍ମୀଙ୍କ ହାର (ଶତକଡା)

	ମୋଟ	ଗ୍ରାମାଞ୍ଚଳ	ସହରାଞ୍ଚଳ	ଜିଲ୍ଲାରେ ଥିବା ଗ୍ରାମସଂଖ୍ୟା ଅନୁସାରେ	ସଂଖ୍ୟା
				ମହିଳା କର୍ମୀ ନଥିବା ଗ୍ରାମ	୩୬
ଜାତୀୟ ହାର	୨୫.୬	୩୦.୮	୧୧.୯	ଅତି ନିମ୍ନ (ଶତକଡା ୧୦ ପର୍ଯ୍ୟନ୍ତ)	୧୫୭
ରାଜ୍ୟ ହାର	୨୪.୭	୨୭.୧	୧୦.୦	ନିମ୍ନ (ଶତକଡା ୧୧-୨୦ ପର୍ଯ୍ୟନ୍ତ)	୧୯୨
ଜିଲ୍ଲା ହାର	୩୫.୫	୩୭.୮	୧୧.୨	ମଧ୍ୟମ (ଶତକଡା ୨୧-୩୦)	୨୩୧
ଜିଲ୍ଲାରେ ସ୍ତ୍ରୀ ପୁରୁଷ ବ୍ୟବଧାନ (ପୁରୁଷ-ସ୍ତ୍ରୀ ହାର)	୨୧.୨	୨୦.୦	୩୮.୫	ଅଧିକ (ଶତକଡା ୩୧-୪୦)	୨୯୩
				ଅତି ଅଧିକ (ଶତକଡା ୪୦ ରୁ ଅଧିକ)	୧୧୯୦